# NATIONAL NEWS BULLETIN (ODIA)

## 23rd March' 2026

## Morning Bulletin : 7.15 a.m.

*****************************

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଆଜି ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷଦିନ ।

- ପଶ୍ଚିମ ଏସିଆରେ ସୃଷ୍ଟ ଉତ୍ତେଜନାମୂଳକ ପରିସ୍ଥିତିର ପ୍ରଭାବରୁ ନାଗରିକମାନଙ୍କୁ ସୁରକ୍ଷା ଦେବା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ଲୋକସଭାରେ ଆଜି ଆଗତ ହେବ କର୍ପୋରେଟ୍ ସଂଶୋଧନ ବିଧେୟକ ।

— ରାଜ୍ୟସଭାରେ ସଶସ୍ତ୍ର ପୋଲିସ୍ ବାହିନୀ ବିଧେୟକ ଆଗତ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ବିଦେଶରେ ଅଟକିଥିବା ନାଗରିକମାନଙ୍କୁ ସ୍ୱଦେଶ ଆଣିବା ଲାଗି ଆଜି ୩୦ଟି ଉଡ଼ାଣ କରିବ ଏୟାର୍ ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ।

ଏବଂ

- ସହିଦ ଦିବସ ଉପଲକ୍ଷେ ଆଦି ଦେଶବ୍ୟାପୀ ପଦଯାତ୍ରା ଆୟୋଜନ କରି ମେରା ଯୁବ ଭାରତ ।

## ନୋମିନେସନ୍ - ଆସେମ୍ବ୍ଲି ପୋଲ୍ସ୍

ଆସାମ, କେରଳମ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଆଜି ଶେଷ ହେବ। ଆଜି ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପ୍ରାର୍ଥପତ୍ର ଦାଖଲ କରାଯାଇପାରିବ । ଆସନ୍ତା ମାସ ୯ ତାରିଖରେ ଦୁଇଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ଆସନ୍ତାକାଲି ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ଆସନ୍ତା ୨୬ ତାରିଖ ରହିଛି ।

କେରଳମ୍‌ରେ ଏପର୍ଯ୍ୟନ୍ତ ୩୪୧ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି ।

ତାମିଲନାଡୁରେ, ଏପ୍ରିଲ ୨୩ରେ ଗୋଟିଏ ପର୍ଯ୍ୟାୟରେ ଭୋଟଗ୍ରହଣ ହେବ। ପଶ୍ଚିମବଙ୍ଗରେ, ଏପ୍ରିଲ୍ ୨୩ ଏବଂ ୨୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ତାମିଲନାଡୁ ପାଇଁ ଏବଂ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ଆସନ୍ତା ୩୦

ତାରିଖରେ ଜାରି କରାଯିବ। ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ବିଜ୍ଞପ୍ତି ଆସନ୍ତାମାସ ୨ ତାରିଖରେ ପ୍ରକାଶ ପାଇବ ।

ସମସ୍ତ ଚାରୋଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଭୋଟ ଗଣତି ମେ ମାସ ୪ ତାରିଖରେ ଅନୁଷ୍ଠିତ ହେବ।

୧୨୬ ସଦସ୍ୟ ବିଶିଷ୍ଟ ଆସାମ ବିଧାନସଭାର କାର୍ଯ୍ୟକାଳ ମେ ମାସ ୨୦ ତାରିଖରେ ଶେଷ ହେଉଥିବାବେଳେ ୧୪୦ ସଦସ୍ୟ ବିଶିଷ୍ଟ କେରଳମ ବିଧାନସଭାର କାର୍ଯ୍ୟକାଳ ମେ ୨୩ ତାରିଖରେ ଶେଷ ହେବ।

୩୦ ସଦସ୍ୟ ବିଶିଷ୍ଟ ପୁଡୁଚେରୀ ବିଧାନସଭାର କାର୍ଯ୍ୟକାଳ ଜୁନ ମାସ ୧୫ ତାରିଖରେ ଶେଷ ହେବ। ୨୩୪ ସଦସ୍ୟ ବିଶିଷ୍ଟ ତାମିଲନାଡୁ ବିଧାନସଭାର କାର୍ଯ୍ୟକାଳ ମେ ୧୦ ଏବଂ ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ମେ ୭ ତାରିଖରେ ଶେଷ ହେବ।

## ପି.ଏମ୍. - ସି.ସି.ଏସ୍. ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟିର ଏକ ବୈଠକର ଅଧ୍ୟକ୍ଷତା କରି ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ପରିପ୍ରେକ୍ଷୀରେ ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହି ସଂଘର୍ଷ ଯୋଗୁଁ ବିଶ୍ୱ ପ୍ରଭାବିତ ହେଉଛି। ସେ କହିଛନ୍ତି, ଏପରି

ପରିସ୍ଥିତିରେ, ଏହି ସଂଘର୍ଷର ପ୍ରଭାବରୁ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ସମସ୍ତ ପ୍ରୟାସ କରାଯିବା ଆବଶ୍ୟକ। ନାଗରିକମାନଙ୍କୁ ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ସମସ୍ତ ବିଭାଗ ଏକାଠି କାମ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

ବୈଠକରେ, କ୍ୟାବିନେଟ ସଚିବ ଡକ୍ଟର ଟି ଭି ସୋମନାଥନ ବିଶ୍ୱ ପରିସ୍ଥିତି ଏବଂ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ଦ୍ୱାରା ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ଉପରେ ଉପସ୍ଥାପନ ଦେଇଥିଲେ।

## ପାର୍ଲାମେଣ୍ଟ ଟୁଡେ

କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ କର୍ପୋରେଟ୍ ସଂଶୋଧନ ଆଇନ (ସଂଶୋଧନ) ବିଧେୟକ, ୨୦୨୬ ଆଗତ କରିବାର କାର୍ଯ୍ୟସୂଚୀ ରହିଛି। ଏହି ବିଧେୟକରେ Limited Liability Partership ଆଇନ, ୨୦୦୮ ଏବଂ କମ୍ପାନୀ ଆଇନ, ୨୦୧୩ରେ ସଂଶୋଧନ ପ୍ରସ୍ତାବ ରହିଛି । ଏହା ବ୍ୟତୀତ, ଅର୍ଥ ବିଲ୍ ୨୦୨୬ ମଧ୍ୟ ଆଜିର ଗୃହରେ ଆଲୋଚନା ଏବଂ ମଞ୍ଜୁରିପାଇଁ ଉପସ୍ଥାପନ କରାଯିବ ।

ରାଜ୍ୟସଭାରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ବିଧେୟକ, ୨୦୨୬ ଆଗତ କରିବେ । ଏହି ବିଲ୍ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀରେ ଗ୍ରୀପ୍-ଇ ଜେନେରାଲ ଡ୍ୟୁଟି ଅଧିକାରୀ ଏବଂ ଅନ୍ୟ ଅଧିକାରୀଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ ପରିଚାଳନା କରୁଥିବା ସାଧାରଣ ନିୟମ ଏବଂ ଏହି ବାହିନୀ ସମ୍ପର୍କିତ ଅନ୍ୟାନ୍ୟ ନିୟମକୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ରହିଛି । ଏଥିସହିତ ବିନିଯୋଗ ବିଲ୍ ମଧ୍ୟ ଆଜିର ଗୃହର କାର୍ଯ୍ୟରେ ବିଚାର ଏବଂ ମଞ୍ଜୁରି ଲାଗି ତାଲିକାଭୁକ୍ତ ହୋଇଛି ।

## ମାଇନ୍ସ ଅକ୍ସନ୍

କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଆଜି ସପ୍ତମ ପର୍ଯ୍ୟାୟ ଖଣିଜ ବ୍ଲକଗୁଡ଼ିକର ନିଲାମ ଆରମ୍ଭ କରିବେ। ଏହି ପର୍ଯ୍ୟାୟରେ ଖଣି ଲିଜ୍ ଏବଂ କମ୍ପୋଜିଟ୍ ଲାଇସେନ୍ସ ଅଧୀନରେ ବିଭିନ୍ନ ରାଜ୍ୟରେ ୧୯ଟି ବ୍ଲକ ପ୍ରଦାନ କରାଯିବ। ଏହି ବ୍ଲକଗୁଡ଼ିକରେ ସ୍ୱଚ୍ଛ ଶକ୍ତି, ଉନ୍ନତ ପ୍ରଯୁକ୍ତିବିଦ୍ୟା, ସାର ଏବଂ ରଣନୈତିକ ଶିଳ୍ପ ଭଳି କ୍ଷେତ୍ର ପାଇଁ ଆବଶ୍ୟକ ବିଭିନ୍ନ ଖଣିଜ ପଦାର୍ଥ ରହିଛି। ଖଣି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ନିଲାମ ପ୍ରକ୍ରିୟା ଅନଲାଇନରେ କରାଯିବ । ବର୍ତ୍ତମାନ ସୁଦ୍ଧା ମନ୍ତ୍ରଣାଳୟ ଛଅଟି ପର୍ଯ୍ୟାୟ

ନିଲାମ ଆରମ୍ଭ କରିସାରିଥିବାବେଳେ ୪୬ଟି ଗୁରୁତ୍ୱପୂର୍ଣ୍ଣ ଏବଂ ରଣନୈତିକ ଖଣିଜ ବ୍ଲକ ପୂର୍ବରୁ ନିଲାମ ହୋଇସାରିଛି।

## ଏୟାର୍ ଇଣ୍ଡିଆ - ଫ୍ଲାଇଟ୍ସ୍ ୱେଷ୍ଟ ଏସିଆ

ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତି ସତ୍ତ୍ୱେ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଆଜି ୩୦ଟି ଉଡ଼ାଣ କରିବ। ସୂଚନା ଅନୁଯାୟୀ, ଜେଦ୍ଦାହ ସମେତ ଭାରତ ଏବଂ ସାଉଦି ଆରବ ସହର ମଧ୍ୟରେ ମୋଟ୍ ୧୦ଟି ଉଡ଼ାଣ କରାଯିବ । ଏୟାର ଇଣ୍ଡିଆ’ ଦିଲ୍ଲୀ ଏବଂ ମୁମ୍ବାଇରୁ ଉଡ଼ାଣ କରିବାକୁ ଥିବାବେଳେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବେଙ୍ଗାଲୁରୁ, କୋଝିକୋଡ୍ ଏବଂ ମାଙ୍ଗାଲୁରୁରୁ ଉଡ଼ାଣ କରିବ । ଅନ୍ୟପକ୍ଷରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍’ ମସ୍କଟକୁ ଏବଂ ମସ୍କଟ୍‌ରୁ ଦିଲ୍ଲୀ ଏବଂ ମୁମ୍ବାଇକୁ ୪ଟି ଉଡ଼ାଣ କରିବା ସହ ବେଙ୍ଗାଲୁରୁ ଏବଂ କୋଝିକୋଡ୍‌ରୁ ରିଆଦକୁ ଚାରୋଟି ଉଡ଼ାଣ କରିବ । ଅନ୍ୟପକ୍ଷରେ ସଂଯୁକ୍ତ ଆରବ ଏମିରେଟ୍ସ୍ ଏବଂ ସାଉଦି ଆରବକୁ ଉଭୟ ପଟୁ ୧୨ଟି ଉଡ଼ାଣ କରାଯିବ ।

# ଇରାନ୍ - ହର୍ମୁଜ୍

ଆମେରିକା ଯଦି ଇରାନର ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରେ, ତେବେ ଇରାନ ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ନେଇ ଧମକ ଦେଇଛି। ଏକ ବିବୃତ୍ତିରେ, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ କହିଛି, ହର୍ମୁଜ୍ ପ୍ରଣାଳୀ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ଏବଂ ନଷ୍ଟ ହୋଇଥିବା ଇରାନୀ ଶକ୍ତି କେନ୍ଦ୍ର ପୁନଃନିର୍ମାଣ ନ ହେବା ପର୍ଯ୍ୟନ୍ତ ଖୋଲାଯିବ ନାହିଁ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେବା ପରେ ଇରାନ୍ ପକ୍ଷରୁ ଏହି ବିବୃତ୍ତି ଆସିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତକାଲି ଚେତାବନୀ ଦେଇଥିଲେ, ଯଦି ଇରାନ ୪୮ ଘଣ୍ଟା ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ସ୍ୱାଭାବିକ ନ କରିବ, ତେବେ ଆମେରିକା' ଇରାନର ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରିବ । ଇରାନୀ ସଂସଦର ବାଚସ୍ପତି, ମହମ୍ମଦ ବାକର କାଲିବାଫ ମଧ୍ୟ ଚେତାବନୀ ଦେଇଛନ୍ତି, ଯଦି ତେହରାନର ଭିତ୍ତିଭୂମିକୁ ନଷ୍ଟ କରିବା ଲାଗି ଉଦ୍ୟମ କରାଯାଏ, ତେବେ ଯେଉଁ କ୍ଷତି ହେବ, ତାହା ପୁନଃ ନିର୍ମାଣ କରାଯାଇପାରିବ ନାହିଁ । ସୂଚନା ଅନୁଯାୟୀ, ଇରାନ ଫେବୃଆରୀ ୨୮ରେ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଯୋଗାଣ ମାର୍ଗ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିଦେବା ଫଳରେ ବିଶ୍ୱରେ ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି ।

## ଇରାନ୍ ପ୍ରେସିଡେଣ୍ଟ - ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍

ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିୟାନ' ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନକୁ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି, ମାନଚିତ୍ରରୁ ଇରାନକୁ ଲିଭାଇ ଦେବାର ଭ୍ରମ ଏକ ଇତିହାସ ସୃଷ୍ଟିକାରୀ ରାଷ୍ଟ୍ରର ଇଚ୍ଛା ବିରୋଧରେ ହତାଶାକୁ ଦର୍ଶାଉଛି। ସେ କହିଛନ୍ତି, ହରମୁଜ୍ ପ୍ରଣାଳୀ ଇରାନର ଶତ୍ରୁମାନଙ୍କ ବ୍ୟତୀତ ସମସ୍ତ ରାଷ୍ଟ୍ର ପାଇଁ ଖୋଲା ରହିଛି।

ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସଂଘର୍ଷ ମଧ୍ୟରେ ଇସଲାମିକ୍ ଗଣରାଜ୍ୟ ସହିତ ମୁକାବିଲା କରିବା ପାଇଁ ସମସ୍ତ ବିକଳ୍ପ ମୁକ୍ତ ରଖିଛନ୍ତି ।

## ଓସ୍ରାଏଲ - ଲେବାନନ୍ କନ୍‌ଫ୍ଲିକ୍ଟ

ଇସ୍ରାଏଲୀ ସେନା କାସମିୟେ ସେତୁ ଉପରେ ଆକ୍ରମଣ କରିଛି । ଏହି ସେତୁ ଲେବାନନର ଦକ୍ଷିଣାଞ୍ଚଳକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରିଥାଏ । ଇସ୍ରାଏଲୀ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ୍ ଲିଟାନି ନଦୀ ଉପରେ ଥିବା ସମସ୍ତ କ୍ରସିଂ ଏବଂ ଦୁଇ ଦେଶ ମଧ୍ୟରେ ସୀମା ନିକଟସ୍ଥ ଘରଗୁଡ଼ିକୁ ଧ୍ୱଂସ କରିବାକୁ ସେନାକୁ ନିର୍ଦ୍ଦେଶ ଦେବା ପରେ ଗୁରୁତ୍ୱପୂର୍ଣ୍ଣ

ବେସାମରିକ ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଇଛି। ସେତୁ ଉପରେ ବୋମା ମାଡ଼ ହିଜବୋଲା ବିରୋଧରେ ଇସ୍ରାଏଲୀ ସେନାର ଦୃଢ଼ ଅଭିଯାନକୁ ଦର୍ଶାଉଛି ।

## ଡବ୍ଲ୍ୟୁ.ବି. - ସପ୍ଲିମେଣ୍ଟାରୀ ଲିଷ୍ଟ

ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ କହିଛନ୍ତି, ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅଧୀନରେ ଆଜି ପ୍ରଥମ ଅତିରିକ୍ତ ଭୋଟର ତାଲିକା ପ୍ରକାଶ କରିବ। ଏହି ତାଲିକାରେ ସେହି ଭୋଟରଙ୍କ ନାମ ରହିଛି, ଯେଉଁମାନଙ୍କ ପ୍ରାମାଣିକ ଦସ୍ତାବିଜ୍ ସମ୍ପୂର୍ଣ୍ଣ ଯାଞ୍ଚ ହୋଇସାରିଛି ଏବଂ ବିଚାର ପାଇଁ ରହିଛି। ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୭ ଲକ୍ଷ ବିଚାରାଧୀନ ଭୋଟର ଅଭିଯୋଗର ସମାଧାନ କରାଯାଇଛି ଏବଂ ପ୍ରତିଦିନ ପ୍ରାୟ ୨ ଲକ୍ଷ ନାମ ପ୍ରକ୍ରିୟାକରଣ କରାଯାଉଛି। ତାଲିକା ପ୍ରକାଶିତ ହେବା ପରେ ଯଦି କୌଣସି ଆପତ୍ତି ଥାଏ, ତେବେ ଭୋଟରମାନେ ECI ନେଟ୍ ଆପ୍ କିମ୍ବା କମିଶନଙ୍କ ୱେବସାଇଟ୍ ମାଧ୍ୟମରେ ଅନଲାଇନ୍ କିମ୍ବା ଜିଲ୍ଲା ଓ ଉପଖଣ୍ଡ କାର୍ଯ୍ୟାଳୟରେ ଅଫଲାଇନ୍‌ରେ ଆବେଦନ କରିପାରିବେ।

ତାଲିକା ପ୍ରକାଶନ ପରେ କୌଣସି ଅପ୍ରୀତିକର ଘଟଣାର ମୁକାବିଲା ପାଇଁ ରାଜ୍ୟ ସରକାର ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପରେ ୨୩ଟି ଜିଲ୍ଲାରେ ୧୯ଟି ଅପିଲ୍ ଟ୍ରିବ୍ୟୁନାଲ୍ ସ୍ଥାପନ କରାଯାଇଛି । ଯେଉଁ ଭୋଟରଙ୍କ ନାମ ଅତିରିକ୍ତ ତାଲିକାରୁ ବାଦ ଦିଆଯାଇଛି, ସେମାନେ ଏହି ଟ୍ରିବ୍ୟୁନାଲ୍ ମାଧ୍ୟମରେ ଆବେଦନ କରିପାରିବେ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସ୍ଥାୟୀ ଭବିଷ୍ୟତ ଯୋଗାଣ ସୁନିଶ୍ଚିତ କରିବାରେ ଜଳ ସଂରକ୍ଷଣର ଗୁରୁତ୍ୱ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ

ଫ୍ରିକ୍ୱେନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ପଦଯାତ୍ରା - ସହିଦ୍ ଦିବସ

ସହିଦ ଦିବସ ଉପଲକ୍ଷେ ମେରା ଯୁବା ଭାରତ ଆଜି ଦେଶବ୍ୟାପୀ ପଦଯାତ୍ରା ଆୟୋଜନ କରିବ। 'ମୋ ଭାରତ, ମୋର ଦାୟିତ୍ୱ' ବିଷୟବସ୍ତୁ ଉପରେ ଏହା ଆଧାରିତ । ଏହି ପଦଯାତ୍ରା ଭାରତର ଯୁବ ସ୍ୱାଧୀନତା ସଂଗ୍ରାମୀ - ଭଗତ ସିଂହ, ରାଜଗୁରୁ ଏବଂ ସୁଖଦେବଙ୍କ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ହେବ। ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ କହିଛି, ଏହି ପଦକ୍ଷେପର ଲକ୍ଷ୍ୟ  ହେଉଛି ଯୁବକମାନଙ୍କୁ ଶକ୍ତି, ଆଦର୍ଶବାଦ ଏବଂ ସେମାନଙ୍କ ଆକାଂକ୍ଷାକୁ ଦାୟିତ୍ୱପୂର୍ଣ୍ଣଭାବେ ପୂରଣ କରିବା ଲାଗି ଉତ୍ସାହିତ କରିବା । ଏହି ପଦଯାତ୍ରା ଦେଶର ସମସ୍ତ ୭୬୩ଟି ଜିଲ୍ଲାରେ ଆୟୋଜିତ ହେବ ଏବଂ ହରିୟାଣାର ଫରିଦାବାଦରେ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୦ ହଜାରରୁ ଅଧିକ ଯୁବକ ଅଂଶଗ୍ରହଣ କରିବେ। ଯୁବ ବ୍ୟାପାର ଏବଂ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡସେ ଏବଂ ହରିୟାଣାର କ୍ରୀଡା ମନ୍ତ୍ରୀ ଗୌରବ ଗୌତମ ଏହି ଅବସରରେ ଉପସ୍ଥିତ ରହିବେ।

*****